ହିନ୍ଦୁସ୍ତାନ ସିପିୟାର୍ଡ ଲିମିଟେଡ୍. ଏବଂ ଅନ୍ୟମାନେ

ବନାମ

ଡାକ୍ତର ପି. ସମଶିଭା ରାଓ ଇତ୍ୟାଦି

ଜାନୁଆରୀ 30,1996

[ଏସ୍. ସି. ଅଗ୍ରୱାଲ୍ ଏବଂ ଜି. ଟି. ନାନାବତୀ, ନ୍ୟାୟମୂର୍ତ୍ତି ଦ୍ୱୟ]

*ସେବା ଆଇନ - କାମଚଳା ନିଯୁକ୍ତି- ନିୟମିତକରଣ - ନିଯୁକ୍ତି ନିୟମାବଳୀ - ନିର୍ଦ୍ଧାରିତ ପ୍ରକ୍ରିୟା - ଚିକିତ୍ସା ଅଧିକାରୀ ପଦ ପାଇଁ ନିୟମିତ ନିଯୁକ୍ତି - ଚୟନ ସମିତି ଦ୍ୱାରା ଚୟନ ପଦ୍ଧତି - ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିୟମିତକରଣ ପାଇଁ ଦିଆଯାଇଥିବା ନିର୍ଦ୍ଦେଶ ଗ୍ରହଣୀୟ ନୁହେଁ।*

ଉତ୍ତରଦାତାମାନଙ୍କୁ କାମଚଳା ଭିତ୍ତିରେ ଆବେଦନକାରୀ ନିଗମରେ ଚିକିତ୍ସା ଅଧିକାରୀ ଭାବରେ ନିଯୁକ୍ତ କରାଯାଇଥିଲା । ସେମାନେ ନିଯୁକ୍ତିର ପ୍ରାରମ୍ଭିକ ତାରିଖ ଠାରୁ ସେମାନଙ୍କ ସେବାକୁ ନିୟମିତ କରିବାକୁ ଦାବି କରିଥିଲେ ଏବଂ ନିଗମରେ କାର୍ଯ୍ୟ କରୁଥିବା ନିୟମିତ ଚିକିତ୍ସା ଅଧିକାରୀମାନଙ୍କ ସହ ସମାନ ଦରମା ଏବଂ ଭତ୍ତା ପ୍ରଦାନ କରିବାକୁ ଆବେଦନକାରୀ-ନିଗମକୁ ନିର୍ଦ୍ଦେଶ ଦେବାକୁ ମଧ୍ୟ ଅନୁରୋଧ କରିଥିଲେ । ଦୁଇଜଣିଆ ଖଣ୍ଡପୀଠ ଆଜ୍ଞାଦେଶ ଆବେଦନକୁ ଅନୁମତି ଦେବାବେଳେ ଦର୍ଶାଇଥିଲେ ଯେ ଏହି ବ୍ୟକ୍ତିମାନେ ନିଯୁକ୍ତି ପାଇଁ ଯୋଗ୍ୟ ଅଟନ୍ତି ଏବଂ ସେମାନେ ନିୟମ ଅନୁଯାୟୀ ମଧ୍ୟ ଯୋଗ୍ୟ ଅଟନ୍ତି ଏବଂ ସେବାର ସନ୍ତୋଷଜନକ ପ୍ରକୃତି ବିଷୟରେ କୌଣସି ଅଭିଯୋଗ ନାହିଁ ଏବଂ ତେଣୁ, ଦୀର୍ଘ ସମୟର ଅସ୍ଥାୟୀ ସେବାକୁ ଦୃଷ୍ଟିରେ ରଖି ଦୁଇଟି ଅଗ୍ରୀମ ବେତନ ବୃଦ୍ଧି ସହିତ ନିୟମିତ ବେତନ ହାରରେ 1.4.1986 ତାରିଖରୁ ସେମାନଙ୍କ ସେବାକୁ ନିୟମିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ମଧ୍ୟ ରାୟ ଦିଆଗଲା ଯେ ଏହି ଚିକିତ୍ସା ଅଧିକାରୀମାନେ ବରିଷ୍ଠତା, ପଦୋନ୍ନତି ଇତ୍ୟାଦି ଭଳି ଅନ୍ୟ କୌଣସି ସୁବିଧା ପାଇବାକୁ ହକଦାର ନୁହଁନ୍ତି । ଉଚ୍ଚ ନ୍ୟାୟାଳୟଙ୍କ ରାୟ ବିରୋଧରେ ଏହି ଆବେଦନଗୁଡ଼ିକ ଦାଖଲ କରାଗଲା ।

ଆବେଦନକାରୀ-ନିଗମ ଦାଖଲ କରିଥିଲେ ଯେ ନିଯୁକ୍ତି ପାଇଁ ଆବେଦନକାରୀ-ନିଗମ ଦ୍ୱାରା ପ୍ରସ୍ତୁତ ନିଯୁକ୍ତି ନିୟମାବଳୀ ଅନୁଯାୟୀ ଚୟନ ସମିତି ଦ୍ୱାରା କେବଳ ଚୟନ ପ୍ରକ୍ରିୟା ମାଧ୍ୟମରେ ଚିକିତ୍ସା ଅଧିକାରୀ ପଦବୀରେ ନିୟମିତ ନିଯୁକ୍ତି କରାଯାଇପାରିବ ଏବଂ ଚୟନ ସମିତି

ଦ୍ୱାରା ଚୟନ କରାଯିବାର ଆବଶ୍ୟକତା ନଥାଇ ଉଚ୍ଚ ନ୍ୟାୟାଳୟ ସମସ୍ତ ତିନିଜଣ ଚିକିତ୍ସା ଅଧିକାରୀଙ୍କୁ ନିୟମିତ କରିବା ପାଇଁ ନିର୍ଦ୍ଦେଶ ଦେବାରେ ଭୁଲ କରିଥିଲେ ।

ଉତ୍ତରଦାତା ଅନୁରୋଧ କରିଥିଲେ ଯେ ସେମାନେ ଅନେକ ବର୍ଷ ଧରି ଚିକିତ୍ସା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ ଏବଂ ଏହି ଅବଧିରେ ସେମାନଙ୍କ କାର୍ଯ୍ୟଦକ୍ଷତା ବିଷୟରେ କୌଣସି ଅଭିଯୋଗ ନଥିଲା ଏବଂ **1984** ପରେ କୌଣସି ନିୟମିତ ଚୟନ କରାଯାଇ ନଥିଲା ଏବଂ ଉତ୍ତରଦାତା - ଚିକିତ୍ସା ଅଧିକାରୀମାନଙ୍କୁ ଚୟନ ସମିତି ଦ୍ୱାରା ନିୟମିତ ଚୟନ ପାଇଁ ବିବେଚନା କରିବା ନିମିତ୍ତ କୌଣସି ସୁଯୋଗ ନଥିଲା, ଏହି ତଥ୍ୟକୁ ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟାଳୟ ନିୟମିତକରଣ ଏବଂ ନିୟମିତ ଦରମା ପ୍ରଦାନ ସମ୍ବନ୍ଧୀୟ ନିର୍ଦ୍ଦେଶ ଦେବାରେ କୌଣସି ଭୁଲ କରିନଥିଲେ ।

ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

ରାୟ ଦେଲେ ଯେ : ନିୟମିତକରଣ ପ୍ରକ୍ରିୟାରେ ନିୟମିତ ନିଯୁକ୍ତି ଅନ୍ତର୍ଭୁକ୍ତ ଯାହା କେବଳ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ କରାଯାଇପାରିବ । ଆବେଦନକାରୀ-ନିଗମ ଦ୍ୱାରା କରାଯାଇଥିବା ନିଯୁକ୍ତି ନିୟମାବଳୀକୁ ଦୃଷ୍ଟିରେ ରଖି, ଚିକିତ୍ସା ଅଧିକାରୀ ପଦବୀରେ ନିୟମିତ ନିଯୁକ୍ତି କେବଳ ବିଧିବଦ୍ଧ ଭାବେ ଗଠିତ ଚୟନ ସମିତି ଦ୍ୱାରା ଉକ୍ତ ବ୍ୟକ୍ତିମାନଙ୍କୁ ଏପରି ନିଯୁକ୍ତି ପାଇଁ ଉପଯୁକ୍ତ ବୋଲି ଜାଣିବା ପରେ ହିଁ କରାଯାଇପାରିବ । କାମଚଳା ଭିତ୍ତିରେ ସେମାନଙ୍କର ନିଯୁକ୍ତି ପରେ କୌଣସି ନିୟମିତ ଚୟନ କରାଯାଇନଥିଲା, କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେମାନେ **1.4.1986** ରୁ ନିୟମିତ ହେବାର ହକଦାର୍ ଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିୟମିତକରଣ ପାଇଁ ଦିଆଯାଇଥିବା ନିର୍ଦ୍ଦେଶର ଫଳସ୍ୱରୂପ, ଚିକିତ୍ସା ଅଧିକାରୀ ପଦବୀରେ ନିୟମିତ ନିଯୁକ୍ତି ଉଦ୍ଦେଶ୍ୟରେ ଏକ ଚୟନ ସମିତି ଦ୍ୱାରା ଚୟନ ସମ୍ବନ୍ଧୀୟ ନିୟମାବଳୀର ଆବଶ୍ୟକତାକୁ ସମାପ୍ତ କରାଯାଇଥିଲା । ଏହା ଗ୍ରହଣୀୟ ନଥିଲା । ନିୟମିତକରଣ ପ୍ରସଙ୍ଗରେ ଏକମାତ୍ର ନିର୍ଦ୍ଦେଶ ଥିଲା ଯେ ଚିକିତ୍ସା ଅଧିକାରୀ ପଦବୀରେ ନିୟମିତ ନିଯୁକ୍ତି ଉଦ୍ଦେଶ୍ୟରେ ନିୟମ ଅନୁଯାୟୀ ବିଧିବଦ୍ଧ ଭାବେ ଗଠିତ ଚୟନ ସମିତି ଦ୍ୱାରା ଉତ୍ତରଦାତା- ଚିକିତ୍ସା ଅଧିକାରୀମାନଙ୍କୁ ବିବେଚନା କରାଯିବା ଉଚିତ ଏବଂ ଆବେଦନକାରୀ-ନିଗମ ସେହି ଉଦ୍ଦେଶ୍ୟରେ ଏକ ଚୟନ ସମିତି ଗଠନ କରିବା ଉଚିତ ।

*ଡାକ୍ତର ଏ. କେ. ଜୈନ୍ ଏବଂ ଅନ୍ୟମାନେ ବନାମଭାରତ ସଂଘ ଏବଂ ଅନ୍ୟମାନେ* ***[1987]*** **Supp.SCC 497,** ମାମଲାକୁ ପୃଥକ କରାଗଲା ।

*ଡାକ୍ତର ଏମ୍. ଏ. ହେକ୍ ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ* ***ଅନ୍ୟମାନେ, ,[1993]*** **2 SCC 213 ମାମଲା ଉପରେ ନିର୍ଭର କରାଗଲା ।**

**1.2.ଉତ୍ତରଦାତା-ଚିକିତ୍ସା ଅଧିକାରୀମାନଙ୍କୁ ନିୟମିତ ବେତନ ହାର ପ୍ରଦାନ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ 1.4.1986 ତାରିଖରୁ ସ୍ଥିର ରହିଛି ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ନମ୍ବର 4216-19/1993 ଇତ୍ୟାଦି ।

ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର ଆଜ୍ଞାଦେଶ ନିବେଦନ ସଂଖ୍ୟା 281/86, 944/91 ଏବଂ ଆଜ୍ଞାଦେଶ ଆବେଦନ ସଂଖ୍ୟା 4337, 585/1989 ରେ 2.2.93 ତାରିଖର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀମାନଙ୍କ ତରଫରୁ କେ. ରାମ କୁମାର ।

ଉତ୍ତରଦାତାମାନଙ୍କ ତରଫରୁ ସି. କେ. ସୁଚରିତା, ଏଲ୍. ନଟେଶ୍ୱର ରାଓ, ଆର୍. ସନ୍ଥାନକ୍ରିଷ୍ଣନ୍, କେ. ଆର୍. ନାଗରାଜ, ନରସିଂହ, ପି. ଏସ୍. ଏବଂ ଭି. ଜି. ପ୍ରଗସମ ।

ନ୍ୟାୟାଳୟଙ୍କର ରାୟ ନ୍ୟାୟମୂର୍ତ୍ତି ଏସ୍. ସି. ଅଗ୍ରୱାଲ ଙ୍କ ଦ୍ୱାରା ପ୍ରଦାନ କରାଗଲା । ଏହି ଆବେଦନଗୁଡ଼ିକ ହିନ୍ଦୁସ୍ତାନ ସିପୟାର୍ଡ ଲିମିଟେଡ୍ (ଏହା ପରେ 'ଆବେଦନକାରୀ-ନିଗମ' ଭାବରେ ସୂଚିତ) ରେ କାର୍ଯ୍ୟ କରୁଥିବା ତିନି ଜଣ ଚିକିତ୍ସା ଅଧିକାରୀ (ଏଠାରେ ଉତ୍ତରଦାତା) ଙ୍କ ନିୟମିତକରଣ ସମ୍ବନ୍ଧୀୟ ସାଧାରଣ ପ୍ରଶ୍ନକୁ ଉତ୍ଥାପନ କରେ ।

ଡାକ୍ତର ପି. ସମଶିଭା ରାଓ 1975 ମସିହାରେ M.B.B.S. ଡିଗ୍ରୀ ହାସଲ କରିଥିଲେ ଏବଂ 1976 ମସିହା ଅକ୍ଟୋବର 29 ତାରିଖରେ ଆବେଦନକାରୀ-ନିଗମରେ ମାସିକ Rs 600 ମାନଦେୟ ରେ ଜଣେ ଚିକିତ୍ସା ଅଧିକାରୀ ଭାବେ, ନିଗମର ପ୍ରାଙ୍ଗଣରେ ଥିବା କଲୋନୀ/ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଥିବା ଔଷଧ ବିତରଣ କେନ୍ଦ୍ରରେ କାମ କରିବା ପାଇଁ ନିଯୁକ୍ତ ହୋଇଥିଲେ ।ପ୍ରତ୍ୟେକ ନିଯୁକ୍ତି ପରେ ଗୋଟିଏ ଦିନର କୃତ୍ରିମ ବିରତି ସହିତ 89 ଦିନ ପାଇଁ ଉକ୍ତ ନିଯୁକ୍ତି ଫେବୃଆରୀ 27,1985 ପର୍ଯ୍ୟନ୍ତ ଜାରି ରହିଥିଲା । ଏହି ସମୟ ମଧ୍ୟରେ 1980-81 ରେ ଦୁଇଟି ଚିକିତ୍ସା ଅଧିକାରୀ ପଦବୀରେ ନିୟମିତ ନିଯୁକ୍ତି ପାଇଁ ଚୟନ କରାଯାଇଥିଲା ।ଡାକ୍ତର ପି. ଡି. ସମସିଭା ରାଓଙ୍କୁ ଏପରି ଚୟନ ପାଇଁ ଯୋଗ୍ୟ ବୋଲି ବିବେଚନା କରାଯାଇନଥିଲା କାରଣ ଯୋଗ୍ୟତା ଉଦ୍ଦେଶ୍ୟରେ

ଦରଖାସ୍ତକାରୀ 1974 ମସିହା ସୁଦ୍ଧା ଭେଷଜ ଡିଗ୍ରୀ ହାସଲ କରିଥିବା ଉଚିତ ଏବଂ ଡାକ୍ତର ପି. ସମସିଭା ରାଓ 1975 ମସିହାରେ ତାଙ୍କର ଭେଷଜ ଡିଗ୍ରୀ ହାସଲ କରିଥିଲେ । ସେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟ ରେ ଏକ ଆଜ୍ଞାଦେଶ ଆବେଦନ ( ଆଜ୍ଞାଦେଶ ଆବେଦନ ସଂଖ୍ୟା 2058/1981) ଦାଖଲ କରିଥିଲେ ଯେଉଁଥିରେ ସେ ଏପରି ଘୋଷଣା ପାଇଁ ଏକ ଆଜ୍ଞାଦେଶ କିମ୍ବା ନିର୍ଦ୍ଦେଶ ଲୋଡ଼ିଥିଲେ ଯେ ସେ ଆବେଦନକାରୀ-ନିଗମରେ ଚିକିତ୍ସା ଅଧିକାରୀ ପଦବୀରେ ଅନ୍ତର୍ଭୁକ୍ତ ହେବା ପାଇଁ ହକଦାର । ଉକ୍ତ ଆଜ୍ଞାଦେଶ ଆବେଦନ ରେ, ଆବେଦନକାରୀ- ନିଗମ ତରଫରୁ ହାଜର ହୋଇଥିବା ବିଦ୍ୱାନ ଅଧିବକ୍ତା ନ୍ୟାୟାଳୟଙ୍କ ସମ୍ମୁଖରେ ଏକ ପ୍ରତିଶ୍ରୁତି ଦେଇଥିଲେ ଯେ ଡାକ୍ତର ପି. ସମସିଭା ରାଓ ଚୟନ ପାଇଁ ଯୋଗ୍ୟ ଭାବରେ ବିବେଚିତ ହେବା ଉଚିତ କାରଣ ତାଙ୍କୁ ମାର୍ଚ୍ଚ 12,1981 ରେ ମୌଖିକ ପରୀକ୍ଷା ପାଇଁ ଡକାଯାଇଥିଲା କିନ୍ତୁ ତାଙ୍କୁ ଚୟନ କରାଯାଇ ନଥିଲା ଏବଂ ସେ କାମଚଳା ଭିତ୍ତିରେ କାର୍ଯ୍ୟ ଜାରି ରଖିଥିଲେ । 5 ଡିସେମ୍ବର, 1984ରୁ 27 ଫେବୃଆରୀ, 1985 ଅବଧି ପାଇଁ ଡାକ୍ତର ପି. ସମସିଭା ରାଓଙ୍କୁ ଶେଷ ଥର ପାଇଁ 1984 ଡିସେମ୍ବର 4 , 1984 ତାରିଖରେ ନିଯୁକ୍ତି ଦିଆଯାଇଥିଲା । ଡାକ୍ତର ପି. ସମସିଭା ରାଓ ଅସୁସ୍ଥ ହୋଇ ମାର୍ଚ୍ଚ 1,1985ରୁ ଛୁଟି ପାଇଁ ଆବେଦନ କରିଥିଲେ, କିନ୍ତୁ ଜୁନ୍ 6,1985ରେ ତାଙ୍କୁ ସୂଚନା ଦିଆଯାଇଥିଲା ଯେ ତାଙ୍କ ନିଯୁକ୍ତି ଏକ କାମଚଳା ନିଯୁକ୍ତି ଥିଲା, ଯାହା ଫେବୃଆରୀ 27,1985ରେ ସମାପ୍ତ ହୋଇଥିଲା ଏବଂ ତେଣୁ, ଫେବୃଆରୀ 27,1985 ପରେ ତାଙ୍କର ଛୁଟି ମଞ୍ଜୁର କରିବାର ପ୍ରଶ୍ନ ଉଠିନଥିଲା ।ଫେବୃଆରୀ 27,1985 ରୁ ତାଙ୍କ ସେବା ସମାପ୍ତ ହେବା ଦ୍ୱାରା ସେଥିରେ ବ୍ୟଥିତ ହୋଇ ଡାକ୍ତର ପି. ସମସିଭା ରାଓ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟ ରେ ଏକ ଆଜ୍ଞାଦେଶ ଆବେଦନ (ଆଜ୍ଞାଦେଶ ଆବେଦନ ସଂଖ୍ୟା 9844/1985) ଦାଖଲ କରିଥିଲେ ଯେଉଁଥିରେ ସେ ଏକ ଘୋଷଣା ନିମିତ୍ତ ଅନୁରୋଧ କରିଥିଲେ ଯେ ଜୁନ୍ 6,1985 ରେ ଫେବୃଆରୀ 27,1985 ରୁ ତାଙ୍କ ସେବା ସମାପ୍ତ କରିବାର ଆଦେଶ ମନମତାଣିଆ ଏବଂ ବେଆଇନ ଥିଲା, ଏବଂ ଆଉ ଏକ ଘୋଷଣା ନିମିତ୍ତ ମଧ୍ୟ ଅନୁରୋଧ କରିଥିଲେ ଯେ ତାଙ୍କ ସେବା କ୍ରମାଗତ ଭାବରେ ଆବେଦନକାରୀ-ନିଗମରେ ଜାରି ରହିବ ବୋଲି ବିବେଚନା କରାଯିବା ଉଚିତ୍ । ଉଭୟ ଆଜ୍ଞାଦେଶ ଆବେଦନର ( ଆଜ୍ଞାଦେଶ ଆବେଦନ ସଂଖ୍ୟା 2058 of 1981 ଏବଂ ଆଜ୍ଞାଦେଶ ଆବେଦନ ସଂଖ୍ୟା 9844/1985)ଉଚ୍ଚ ନ୍ୟାୟାଳୟ ର ଜଣେ ବିଦ୍ୱାନ ଏକକ ବିଚାରପତି ( ନ୍ୟାୟମୂର୍ତ୍ତି ଅଞ୍ଜନେୟୁଲୁ) ଙ୍କ ଦ୍ୱାରା ଫେବୃଆରୀ 28, 1986 ତାରିଖର ରାୟ ଦ୍ୱାରା ସମାଧାନ କରାଯାଇଥିଲା । ଆଜ୍ଞାଦେଶ ଆବେଦନ ସଂଖ୍ୟା 9844/1985 କୁ ଅନୁମତି ଦେଇ ଏବଂ ଜୁନ୍ 6,1985 ର ଆଦେଶକୁ ରଦ୍ଦ କରି , ବିଦ୍ୱାନ ଏକକ ବିଚାରପତି ରାୟ ଦେଲେ ଯେ ମାର୍ଚ୍ଚ 1,1985 ରୁ ଡାକ୍ତର ପି. ସମସିଭା ରାଓଙ୍କ ସେବାକୁ ସମାପ୍ତ କରୁଥିବା କରୁଥିବା ଉକ୍ତ ଆଦେଶ

ଅତ୍ୟନ୍ତ ମନମତାଣିଆ ଏବଂ ଅଯୌକ୍ତିକ ଥିଲା ଏବଂ ସମ୍ବିଧାନର ଅନୁଚ୍ଛେଦ 14 ର ଉଲ୍ଲଂଘନ ମଧ୍ୟ ଥିଲା । ଆବେଦନକାରୀ-ନିଗମକୁ ଡାକ୍ତର ପି. ସମସିଭା ରାଓଙ୍କୁ ତୁରନ୍ତ ପୁନଃସ୍ଥାପିତ କରିବାକୁ ଏବଂ ଯଥାଶୀଘ୍ର ତାଙ୍କର ନିୟମିତ ନିଯୁକ୍ତି ପାଇଁ ବିଚାର କରିବାକୁ ନିର୍ଦ୍ଦେଶ ଦିଆଗଲା । ଡାକ୍ତର ପି. ସମସିଭା ରାଓଙ୍କୁ ଏକ ଉପଯୁକ୍ତ  ଦରମା ଦେବା ପାଇଁ ମଧ୍ୟ ଆବେଦନକାରୀ-ନିଗମକୁ ନିର୍ଦ୍ଦେଶ ଦିଆଗଲା ।ଆଜ୍ଞାଦେଶ ଆବେଦନ ସଂଖ୍ୟା  9844/1985 ରେ ପାରିତ ଆଦେଶକୁ ଦୃଷ୍ଟିରେ ରଖି, ବିଦ୍ୱାନ ଏକକ ବିଚାରପତି  ଆଜ୍ଞାଦେଶ ଆବେଦନ ସଂଖ୍ୟା 2058/1981ରେ ଆଉ କୌଣସି ଆଦେଶ ପାରିତ କରିବା ଆବଶ୍ୟକ ନାହିଁ ବୋଲି ବିବେଚନା କରିଥିଲେ । ଆବେଦନକାରୀ-ନିଗମ ଏହି ଦୁଇଟି ଆଜ୍ଞାଦେଶ ଆବେଦନରେ  ବିଦ୍ୱାନ ଏକକ ବିଚାରପତିଙ୍କ ଉକ୍ତ ନିର୍ଣ୍ଣୟ ବିରୁଦ୍ଧରେ ଆଜ୍ଞାଦେଶ ଆବେଦନ ସଂଖ୍ୟା 281/1986 ଏବଂ ଆବେଦନ ସଂଖ୍ୟା  282/1986 ଦାଖଲ କରିଥିଲେ ।

ଉକ୍ତ ଆବେଦନଗୁଡ଼ିକ ବିଚାରାଧୀନ ଥିବାବେଳେ, ଡାକ୍ତର  ପି. ସମସିଭା ରାଓ ଦୁଇଟି ଆଜ୍ଞାଦେଶ ଆବେଦନ (ଆଜ୍ଞାଦେଶ ଆବେଦନ ସଂଖ୍ୟା 4337/1989 ଏବଂ ଆବେଦନ ସଂଖ୍ୟା 585/1989) ଦାଖଲ କରିଥିଲେ । ଆଜ୍ଞାଦେଶ ଆବେଦନ ସଂଖ୍ୟା 4337/1989 ରେ ଡାକ୍ତର ପି. ସମସିଭା ରାଓ ଚିକିତ୍ସା ଅଧିକାରୀଙ୍କ ବର୍ଗରେ ବରିଷ୍ଠତା, ନିୟମିତ ଚିକିତ୍ସା  ଅଧିକାରୀଙ୍କ ସହିତ ସମାନ ବେତନ ହାର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯେପରିକି ଅବଦାନ ପାଣ୍ଠିରେ ନିଯୁକ୍ତିଦାତାଙ୍କ ଅଂଶ, ଅନୁଗ୍ରହ ରାଶି ଇତ୍ୟାଦି ଦାବି କରିଥିଲେ । ଆଜ୍ଞାଦେଶ ଆବେଦନ ସଂଖ୍ୟା 585 /1989 ରେ ଡାକ୍ତର  ପି. ସମସିଭା ରାଓ ଆବାସିକ ଗୃହ ଦାବି କରିଥିଲେ ଏବଂ ଏପ୍ରିଲ1, 1986 ତାରିଖଠାରୁ ମାସିକ Rs. 400 ଟଙ୍କା ଭତ୍ତା ଏବଂ ତାଙ୍କର ଛୁଟି ହିସାବଗୁଡ଼ିକୁ ମଧ୍ୟ ଚୂଡ଼ାନ୍ତ କରିବାକୁ ଦାବି କରିଥିଲେ ।

ଡାକ୍ତର  ଜେ. ସଞ୍ଜୀବ କୁମାର 1981 ମସିହାରେ M.B.B.S. ଡିଗ୍ରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଏବଂ ସେ 16 ଜୁଲାଇ, 1985 ତାରିଖରେ ଆବେଦନକାରୀ ନିଗମରେ ଚିକିତ୍ସା ଅଧିକାରୀ ଭାବେ ଦିନକୁ ପ୍ରାରମ୍ଭିକ Rs 35 ଟଙ୍କା ବେତନରେ ଯୋଗ ଦେଇଥିଲେ । ଉକ୍ତ ନିଯୁକ୍ତି ପ୍ରତ୍ୟେକ ଥର ଗୋଟିଏ ଦିନର ବିରତି ସହିତ 89 ଦିନ ପାଇଁ ଥିଲା, ଅର୍ଥାତ୍ 90 ତମ ଦିନ ଏବଂ 91 ତମ ଦିନରେ ସେ ପୁନର୍ବାର ନିଯୁକ୍ତ ହୋଇଥିଲେ ।ଏପ୍ରିଲ୍ 27,1987 ତାରିଖଠାରୁ ଉକ୍ତ ପାରିଶ୍ରମିକ  ଦିନକୁ Rs 35 ଟଙ୍କା ରୁ Rs 50 ଟଙ୍କା ବୃଦ୍ଧି ହେଲା ।ସେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟ ରେ ଏକ ଆଜ୍ଞାଦେଶ ଆବେଦନ  ( ଆଜ୍ଞାଦେଶ ଆବେଦନ ସଂଖ୍ୟା  9987/1990 ) ଦାଖଲ କରିଥିଲେ, ଯେଉଁଥିରେ ସେ

ନିଯୁକ୍ତିର ପ୍ରାରମ୍ଭିକ ତାରିଖ ଅର୍ଥାତ୍ ଜୁଲାଇ 16,1985 ରୁ ତାଙ୍କ ସେବାକୁ ନିୟମିତ କରିବାକୁ ଅନୁରୋଧ କରିଥିଲେ ଏବଂ ଆବେଦନକାରୀ-ନିଗମକୁ ଜୁଲାଇ 16,1985 ରୁ ଆବେଦନକାରୀ-ନିଗମରେ କାର୍ଯ୍ୟ କରୁଥିବା ନିୟମିତ ଚିକିତ୍ସା ଅଧିକାରୀଙ୍କ ସହିତ ସମାନ ବେତନ ଏବଂ ଭତ୍ତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବାକୁ ମଧ୍ୟ ଅନୁରୋଧ କରିଥିଲେ । ଉକ୍ତ ଆଜ୍ଞାଦେଶ ଆବେଦନରେ ଡାକ୍ତର ଜେ. ସଞ୍ଜୀବ କୁମାରଙ୍କ ମାମଲା ଥିଲା ଯେ ସେ ପାଞ୍ଚ ବର୍ଷର ଅବଧି ମଧ୍ୟରେ ପ୍ରତିଦିନ ଛଅ ଘଣ୍ଟା କାମ କରୁଥିଲେ ଏବଂ ଯଦିଓ ତାଙ୍କୁ ଦିଆଯାଉଥିବା ବେତନକୁ ମାନଦେୟ ବୋଲି ବର୍ଣ୍ଣନା କରାଯାଇଥିଲା, ସେ ଆବେଦନକାରୀ - ନିଗମ ସହିତ କାର୍ଯ୍ୟ କରୁଥିବା ଅନ୍ୟ ଚିକିତ୍ସା ଅଧିକାରୀଙ୍କ ପରି ଚିକିତ୍ସା ଅଧିକାରୀ ଭାବରେ ନିଜର କର୍ତ୍ତବ୍ୟ ନିର୍ବାହ କରୁଥିଲେ ଏବଂ ଆବେଦନକାରୀ - ନିଗମର ସେବାରେ ନିୟମିତ ଚିକିତ୍ସା ଅଧିକାରୀମାନେ ଯେଉଁମାନେ ଅନୁରୂପ କର୍ତ୍ତବ୍ୟ ନିର୍ବାହ କରୁଥିଲେ ସେମାନେ ମଧ୍ୟ Rs 960-50-1860 ଟଙ୍କା ବେତନ ସହିତ ଅନ୍ୟାନ୍ୟ ଭତ୍ତା ମଧ୍ୟ ପାଉଥିଲେ ।ଡାକ୍ତର ଜେ. ସଞ୍ଜୀବ କୁମାରଙ୍କ ଉକ୍ତ ଆଜ୍ଞାଦେଶ ଆବେଦନ (ଆଜ୍ଞାଦେଶ ଆବେଦନ 9987/1990) କୁ ଉଚ୍ଚ ନ୍ୟାୟାଳୟଙ୍କର ବିଦ୍ୱାନ ଏକକ ବିଚାରପତି (ନ୍ୟାୟମୂର୍ତ୍ତି ପାଣ୍ଡୁରଙ୍ଗା) ଙ୍କ ଦ୍ୱାରା 11 ଏପ୍ରିଲ, 1990 ତାରିଖର ରାୟ ଦ୍ୱାରା ଅନୁମତି ଦିଆଯାଇଥିଲା ଏବଂ ଆବେଦନକାରୀ-ନିଗମକୁ 16 ଜୁଲାଇ, 1985 ଠାରୁ ଚିକିତ୍ସା ଅଧିକାରୀମାନଙ୍କ ବର୍ଗରେ ଡାକ୍ତର ଜେ. ସଞ୍ଜୀବ କୁମାରଙ୍କ ସେବାକୁ ନିୟମିତ କରିବାକୁ ଏବଂ ଆବେଦନକାରୀ-ନିଗମରେ କାର୍ଯ୍ୟ କରୁଥିବା ନିୟମିତ ଚିକିତ୍ସା ଅଧିକାରୀଙ୍କ ଅନୁରୂପରେ ଜୁଲାଇ 13, 1990 ଯେଉଁ ତାରିଖରେ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଆବେଦନ ଦାଖଲ କରାଯାଇଥିଲା ସେବେଠାରୁ ସମାନ ବେତନ ଏବଂ ଅନ୍ୟାନ୍ୟ ଭତ୍ତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଜୁଲାଇ 16,1985 ରୁ ଆଜ୍ଞାଦେଶ ଆବେଦନ ଦାଖଲ ହେବା ତାରିଖ ପର୍ଯ୍ୟନ୍ତ ଡାକ୍ତର ସଞ୍ଜୀବ କୁମାରଙ୍କ ସେବାର ନିୟମିତକରଣ କେବଳ ପେନସନ ସୁବିଧା ପାଇବା ଏବଂ କୌଣସି ବରିଷ୍ଠତା ଦାବି କରିବା ଉଦ୍ଦେଶ୍ୟରେ ସୀମିତ ଥିଲା ଏବଂ ଜୁଲାଇ 13,1990 ତାରିଖରୁ ଚିକିତ୍ସା ଅଧିକାରୀମାନଙ୍କ ପ୍ରାରମ୍ଭିକ ପର୍ଯ୍ୟାୟରେ ବେତନ ସ୍ଥିର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।ଆବେଦନକାରୀ - ନିଗମ ଦ୍ୱାରା ଆଜ୍ଞାଦେଶ ଆବେଦନ ସଂଖ୍ୟା 944/1991 କୁ, ଆଜ୍ଞାଦେଶ ଆବେଦନ ସଂଖ୍ୟା 9987/1990 ରେ ବିଦ୍ୱାନ ଏକକ ବିଚାରପତିଙ୍କ ଉକ୍ତ ରାୟ ବିରୁଦ୍ଧରେ ଦାଖଲ କରାଯାଇଥିଲା ।

ଡାକ୍ତର ପି. ସମସିଭା ରାଓ ଏବଂ ଡାକ୍ତର ଜେ. ସଞ୍ଜୀବ କୁମାରଙ୍କ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନ ଏବଂ ଡାକ୍ତର ପି. ସମ୍ବସିଭା ରାଓଙ୍କ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନ ସଂଖ୍ୟା 4337/1989 ଏବଂ 585/1985 ରେ ବିଦ୍ୱାନ ଏକକ

ବିଚାରପତିଙ୍କ ରାୟ ବିରୁଦ୍ଧରେ ଆବେଦନକାରୀ- ନିଗମଙ୍କ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନ 281 ଏବଂ 282/1986 ଏବଂ 944/1991 କୁ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଦ୍ୱାରା ଶୁଣାଣି କରାଯାଇଥିଲା ଏବଂ ଫେବୃଆରୀ 2,1993 ରେ ଏକ ସାମୁହିକ ରାୟ ଦ୍ୱାରା ସେଗୁଡ଼ିକର ନିଷ୍ପତ୍ତି ନିଆଗଲା । ବିଦ୍ୱାନ ବିଚାରପତିମାନେ ଅନୁଧ୍ୟାନ କରିଥିଲେ ଯେ ଡାକ୍ତର ପି. ସମସିଭା ରାଓ ଅକ୍ଟୋବର 29,1976 ତାରିଖ ଠାରୁ ଏବଂ ଡାକ୍ତର ଜେ. ସଞ୍ଜୀବ କୁମାର ଜୁଲାଇ 16, 1985 ତାରିଖ ଠାରୁ ମାନଦେୟ ଉପରେ କାର୍ଯ୍ୟ କରୁଥିବାର ତଥ୍ୟ ବିବାଦୀୟ ନୁହେଁ ଏବଂ ଆବେଦନକାରୀ-ନିଗମ ଏହି ଦୁଇ ଚକିତ୍ସା ଅଧିକାରୀଙ୍କ ସେବା ସନ୍ତୋଷଜନକ ନୁହେଁ ବୋଲି ଉଲ୍ଲେଖ କରିନଥିଲେ ଏବଂ ଉକ୍ତ ଚିକିତ୍ସା ଅଧିକାରୀମାନଙ୍କ ବିରୋଧରେ କୌଣସି ଅଭିଯୋଗ ଥିଲା ବୋଲି କୌଣସି ତଥ୍ୟ ନ୍ୟାୟାଳୟଙ୍କ ଦୃଷ୍ଟିକୁ ମଧ୍ୟ ଅଣାଯାଇ ନଥିଲା । ବିଦ୍ୱାନ ବିଚାରପତିମାନେ ଏହା ମଧ୍ୟ ଅନୁଧ୍ୟାନ କରିଥିଲେ ଯେ ଏହି ଉଭୟ ବ୍ୟକ୍ତି ନିଯୁକ୍ତି ପାଇଁ ଯୋଗ୍ୟ ଥିଲେ ଏବଂ ସେମାନେ ମଧ୍ୟ ନିୟମ ଅନୁଯାୟୀ ଯୋଗ୍ୟ ଥିଲେ ଏବଂ ସେମାନଙ୍କର ସେବାର ସନ୍ତୋଷଜନକ ପ୍ରକୃତି ବିଷୟରେ କୌଣସି ଅଭିଯୋଗ ନଥିଲା ଏବଂ ଏହା ମଧ୍ୟ ବିବାଦୀୟ ନଥିଲା ଯେ ନିୟମିତ ଭାବରେ ସେମାନଙ୍କର ନିଯୁକ୍ତି ସଂରକ୍ଷଣ ନୀତିର ବିପରୀତ ନୁହେଁ ତେଣୁ, ଏହା ଧରିନିଆଯାଇଥିଲା ଯେ ଉଭୟ ମାମଲାରେ ବିଦ୍ୱାନ ଏକକ ବିଚାରପତିଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଏହି ଦୁଇ ଚିକିତ୍ସା ଅଧିକାରୀଙ୍କ ସେବାକୁ ନିୟମିତ କରିବାକୁ ନିର୍ଦ୍ଦେଶ ଦେବା ହରିୟାଣା ରାଜ୍ୟ ବନାମ ପିଆରା ସିଂହ, [1992] 4 SCC118 ମାମଲାରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଧାରିତ ଆଇନର ପରିସର ମଧ୍ୟରେ ଆସିଛି ।ଏହା ନିର୍ଦ୍ଦେଶ ଦିଆଯାଇଥିଲା ଯେ ଏପ୍ରିଲ୍ 1,1986 ଠାରୁ ଡାକ୍ତର ପି. ସମସିଭା ରାଓଙ୍କ ସେବାକୁ ନିୟମିତ ବେତନ ହାରରେ ନିୟମିତ କରାଯିବ ଏବଂ ଦୀର୍ଘକାଳ ଅସ୍ଥାୟୀ ସେବାକୁ ଦୃଷ୍ଟିରେ ରଖି ସେ ଦୁଇଟି ଅଗ୍ରୀମ ବେତନ ବୃଦ୍ଧି ପାଇବାକୁ ହକଦାର ହେବେ ଏବଂ ତାଙ୍କୁ ଛଅ ମାସ ମଧ୍ୟରେ ସରକାରୀ ଆବାସ ମଧ୍ୟ ଯୋଗାଇ ଦିଆଯିବ, ନଚେତ୍ ତାଙ୍କୁ ନିୟମ ଅନୁଯାୟୀ ଆବାସିକ ଭତ୍ତା ମଧ୍ୟ ପ୍ରଦାନ କରାଯିବ । ସେହିଭଳି ଡାକ୍ତର ଜେ . ସଞ୍ଜୀବ କୁମାରଙ୍କ ସମ୍ବନ୍ଧରେ ଏହା ରାୟ ଦିଆଗଲା ଯେ ସେ ଏପ୍ରିଲ1, 1986 ତାରିଖରୁ ନିୟମିତ ହେବାକୁ ହକଦାର ଥିଲେ ଏବଂ ତାଙ୍କୁ ଦୁଇଟି ଅଗ୍ରୀମ ବେତନ ବୃଦ୍ଧି ପ୍ରଦାନ ଏବଂ ତାଙ୍କୁ ଛଅ ମାସ ମଧ୍ୟରେ ସରକାରୀ ଆବାସ ମଧ୍ୟ ଯୋଗାଇ ଦିଆଯିବ, ନଚେତ୍ ତାଙ୍କୁ ନିୟମ ଅନୁଯାୟୀ ଆବାସିକ ଭତ୍ତା ମଧ୍ୟ ପ୍ରଦାନ କରାଯିବ । ଆହୁରି ଏହା ଧରି ନିଆଗଲା ଯେ ଏହି ଦୁଇ ଚକିତ୍ସା ଅଧିକାରୀ, ସେମାନଙ୍କ ଦ୍ୱାରା ଦାବି କରାଯାଇଥିବା ଭଳି ବରିଷ୍ଠତା, ପଦୋନ୍ନତି ଭଳି ଅନ୍ୟାନ୍ୟ ସୁବିଧା ପାଇବାକୁ ହକଦାର ହେବେ ନାହିଁ ।

ଡାକ୍ତର ଏସ୍. ପ୍ରସାଦ ରାଓ ପ୍ରଥମେ ଆବେଦନକାରୀ-ନିଗମରେ ଚିକିତ୍ସା ଅଧିକାରୀ ଭାବେ ସେପ୍ଟେମ୍ବର 1, 1984 ତାରିଖରେ ଦୈନିକ Rs 35 ଟଙ୍କା ବେତନ ହାରରେ ନିଯୁକ୍ତ ହୋଇଥିଲେ ଏବଂ ଉକ୍ତ ବେତନ ଏପ୍ରିଲ 20, 1987ରେ Rs 50 ଟଙ୍କାକୁ ବୃଦ୍ଧି କରାଗଲା । ସେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ (ଆଜ୍ଞାଦେଶ ଆବେଦନ ସଂଖ୍ୟା 12648/1990) ଦାଖଲ କରି ଦାବି କରିଥିଲେ ଯେ ତାଙ୍କର ପ୍ରାରମ୍ଭିକ ନିଯୁକ୍ତି ତାରିଖ ଅର୍ଥାତ୍ ସେପ୍ଟେମ୍ବର 1,1984 ରୁ କାର୍ଯ୍ୟକାରୀ ହେଉଥିବା ଚିକିତ୍ସା ଅଧିକାରୀମାନଙ୍କ ବର୍ଗରେ ତାଙ୍କର ସେବାକୁ ନିୟମିତ କରାଯାଉ ଏବଂ ସେପ୍ଟେମ୍ବର 1,1984 ତାରିଖରୁ ଆବେଦନକାରୀ - ନିଗମରେ କାର୍ଯ୍ୟ କରୁଥିବା ନିୟମିତ ଚିକିତ୍ସା ଅଧିକାରୀମାନଙ୍କ ସହିତ ଅନୁରୂପ ବେତନ ଏବଂ ଅନ୍ୟାନ୍ୟ ଭତ୍ତା ପ୍ରଦାନ କରିବାକୁ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ନିମିତ୍ତ ଅନୁରୋଧ ମଧ୍ୟ କରିଥିଲେ । ଡାକ୍ତର ଏସ୍. ପ୍ରସାଦ ରାଓଙ୍କ ଉକ୍ତ ଆଜ୍ଞାଦେଶ ଆବେଦନକୁ ଉଚ୍ଚ ନ୍ୟାୟାଳୟଙ୍କର ବିଦ୍ୱାନ ଏକକ ବିଚାରପତି ( ନ୍ୟାୟମୂର୍ତ୍ତି ଜଗନ୍ନାଥ ରାଜୁ) ଙ୍କ ଦ୍ୱାରା ସେପ୍ଟେମ୍ବର 18,1991 ତାରିଖର ରାୟରେ ଅନୁମତି ଦିଆଯାଇଥିଲା ଏବଂ ଏହା ନିର୍ଦ୍ଦେଶ ଦିଆଯାଇଥିଲା ଯେ ଡାକ୍ତର ଏସ୍. ପ୍ରସାଦ ରାଓଙ୍କ ସେବାକୁ ନିୟମିତ ଚିକିତ୍ସା ଅଧିକାରୀ ଭାବରେ ତାଙ୍କର ନିଯୁକ୍ତିର ମୂଳ ତାରିଖ, ଅର୍ଥାତ୍,ସେପ୍ଟେମ୍ବର 1,1984 ତାରିଖରୁ ନିୟମିତ କରାଯିବ ଏବଂ ସେ ମଧ୍ୟ ଏହାର ପରବର୍ତ୍ତୀ ସୁବିଧାଗୁଡ଼ିକୁ ପାଇବାକୁ ହକଦାର ହେବେ । ବିଦ୍ୱାନ ଏକକ ବିଚାରପତିଙ୍କ ଉକ୍ତ ରାୟ ବିରୁଦ୍ଧରେ ଆବେଦନକାରୀ - ନିଗମ ଦ୍ୱାରା ଆଜ୍ଞାଦେଶ ଆବେଦନ ସଂଖ୍ୟା 1318/1991 ଦାଖଲ କରାଯାଇଥିଲା । ଉକ୍ତ ଆବେଦନକୁ ଆନ୍ଧ୍ରପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର ଅନ୍ୟ ଏକ ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଦ୍ୱାରା ସେପ୍ଟେମ୍ବର 8, 1993 ତାରିଖର ରାୟ ଦ୍ୱାରା ସମାଧାନ କରାଯାଇଥିଲା । ଡାକ୍ତର ଜେ. ସଞ୍ଜୀବ କୁମାରଙ୍କ ମାମଲାରେ ଆବେଦନକାରୀ-ନିଗମ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନ ସଂଖ୍ୟା 944/1991 ରେ ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ର ପୂର୍ବ ରାୟକୁ ଅନୁସରଣ କରି , ଡାକ୍ତର ଏସ. ପ୍ରସାଦ ରାଓଙ୍କୁ ଡାକ୍ତର ଜେ. ସଞ୍ଜୀବ କୁମାରଙ୍କ ସମକକ୍ଷ ବିବେଚନା କରି ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ସହିତ ଉକ୍ତ ଆବେଦନକୁ ସମାଧାନ କରିଥିଲେ ଯେ ଡାକ୍ତର ଏସ. ପ୍ରସାଦ ରାଓଙ୍କ ସେବା ଏପ୍ରିଲ୍ 1,1986 ରୁ ନିୟମିତ ହେବ ଏବଂ ତାଙ୍କୁ ଛଅ ମାସ ମଧ୍ୟରେ ଦୁଇଟି ଅଗ୍ରୀମ ବୃଦ୍ଧି ଏବଂ ସରକାରୀ ଆବାସ ମଧ୍ୟ ଯୋଗାଇ ଦିଆଯିବ ।

ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର ଉପରୋକ୍ତ ନିଷ୍ପତ୍ତିରେ ବ୍ୟଥିତ ହୋଇ, ଆବେଦନକାରୀ - ନିଗମ ଏହି ଆବେଦନଗୁଡ଼ିକୁ ଦାଖଲ କରିଛନ୍ତି ।

ଆବେଦନକାରୀ - ନିଗମ ତରଫରୁ ହାଜର ହୋଇଥିବା ବିଦ୍ୱାନ ଅଧିବକ୍ତା ଶ୍ରୀ ରାମ କୁମାର ଆମ ସମ୍ମୁଖରେ ଆବେଦନକାରୀ - ନିଗମ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ନିଯୁକ୍ତି ନିୟମାବଳୀ ଉପସ୍ଥାପନ କରିଛନ୍ତି ଯାହାକୁ ଚିକିତ୍ସା ଅଧିକାରୀ ପଦବୀ ସମେତ କମ୍ପାନୀର କାର୍ଯ୍ୟ ସହିତ ଜଡ଼ିତ ନିୟମିତ/ଅସ୍ଥାୟୀ ପଦବୀ କ୍ଷେତ୍ରରେ ନିଯୁକ୍ତି ପାଇଁ ପ୍ରସ୍ତୁତ କରାଯାଇଛି । ଉକ୍ତ ନିୟମ ଅନୁଯାୟୀ, ପଦୋନ୍ନତି ପ୍ରକ୍ରିୟା ଅନୁଯାୟୀ ପଦୋନ୍ନତି ଦ୍ୱାରା ପଦବୀ ପୂରଣ କରାନଯିବା କ୍ଷେତ୍ରରେ ସିଧାସଳଖ ନିଯୁକ୍ତିର ଆଶ୍ରୟ ନେବାକୁ ହେବ । ପ୍ରତ୍ୟକ୍ଷ ନିଯୁକ୍ତି କ୍ଷେତ୍ରରେ, ନିୟମାବଳୀରେ କୁହାଯାଇଛି ଯେ ନିଯୁକ୍ତି ବଜାରରୁ ଉପଲବ୍ଧ ମାନବ ସମ୍ବଳର ଉପଯୋଗ କରିବା ପାଇଁ ସାଧାରଣତଃ ସର୍ବଭାରତୀୟ ଆଧାରରେ ଅଗ୍ରଣୀ ଦୈନିକ ଖବରକାଗଜରେ ଏକ ବିଜ୍ଞାପନ ଜାରି କରାଯାଇଥାଏ, କିନ୍ତୁ ଏହା ସହିତ ନିଯୁକ୍ତି ପାଇଁ ଅନ୍ୟାନ୍ୟ ଉତ୍ସ ମଧ୍ୟ ବ୍ୟବହୃତ ହୋଇଥାଏ ଏବଂ ଯେଉଁଠାରେ ଚାକିରି ପାଇଁ ଅସାଧାରଣ ଦକ୍ଷତା, ଜ୍ଞାନ ଏବଂ ଅଭିଜ୍ଞତା ଆବଶ୍ୟକ ହୋଇଥାଏ, ଯାହା ସାଧାରଣତଃ ନିଯୁକ୍ତି ବଜାରରେ ଉପଲବ୍ଧ ହୋଇନଥାଏ, ସେତେବେଳେ କେନ୍ଦ୍ର/ରାଜ୍ୟ ସରକାର ଏବଂ ଅନ୍ୟାନ୍ୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଅଧିକାରୀମାନଙ୍କ କର୍ମାନ୍ତର ପ୍ରେରଣ ଆଧାରରେ ଏହି ପଦବୀ ପୂରଣ କରିବା ପାଇଁ ସକ୍ଷମ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇପାରନ୍ତି । ବିଜ୍ଞାପନ ଅନୁଯାୟୀ ପ୍ରାପ୍ତ ଆବେଦନଗୁଡ଼ିକର ପ୍ରାରମ୍ଭିକ ପ୍ରକ୍ରିୟା ଏବଂ ଚୟନ ସମିତି ସମ୍ମୁଖରେ ମୌଖିକ ପରୀକ୍ଷା ପାଇଁ ଡକାଯାଇଥିବା ପ୍ରାର୍ଥୀଙ୍କ ତାଲିକା ପ୍ରସ୍ତୁତ କରିବାର ବ୍ୟବସ୍ଥା ରହିଛି । ଏହି ନିୟମାବଳୀରେ ନିମ୍ନଲିଖିତ ଗୋଟିଏ କିମ୍ବା ସମସ୍ତ ଚୟନ ପଦ୍ଧତିର ପ୍ରାବଧାନ ରହିଛି :

(i) ପ୍ରତିଯୋଗିତାମୂଳକ, ଦକ୍ଷତା/ବୈଷୟିକ ପରୀକ୍ଷା;

(ii) ଗୋଷ୍ଠୀଗତ କାର୍ଯ୍ୟ; ଏବଂ

(iii) ବ୍ୟକ୍ତିଗତ ମୌଖିକ ପରୀକ୍ଷା

ଚୟନ ସମିତିର ସୁପାରିଶଗୁଡ଼ିକ ଅନୁମୋଦନ ପାଇଁ ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରାଯାଏ ଏବଂ ସକ୍ଷମ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପାଇବା ପରେ ନିଯୁକ୍ତି ଆଦେଶ ଜାରି କରାଯାଏ ।

ଶ୍ରୀ ରାମ କୁମାରଙ୍କ ନିବେଦନ ହେଉଛି ଯେ ଚିକିତ୍ସା ଅଧିକାରୀ ପଦବୀରେ ନିୟମିତ ନିଯୁକ୍ତି କେବଳ ଉପରୋକ୍ତ ନିୟମାବଳୀ ଅନୁଯାୟୀ ଚୟନ ସମିତି ଦ୍ୱାରା ଚୟନ ପ୍ରକ୍ରିୟା ମାଧ୍ୟମରେ କରାଯାଇପାରିବ ଏବଂ ଚୟନ ସମିତି ଦ୍ୱାରା ଚୟନ କରାଯିବା ବିନା ଏପ୍ରିଲ 1,1986 ରୁ ସମସ୍ତ ତିନିଜଣ ଚିକିତ୍ସା ଅଧିକାରୀଙ୍କୁ ନିୟମିତ କରିବାକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବାରେ ଭୁଲ

କରିଥିଲେ ।ଉତ୍ତରଦାତା- ଚିକିତ୍ସା ଅଧିକାରୀମାନଙ୍କ ତରଫରୁ ଏହା ଅନୁରୋଧ କରାଯାଇଛି ଯେ ସେମାନେ ଅନେକ ବର୍ଷ ଧରି ଚିକିତ୍ସା ଅଧିକାରୀ ଭାବରେ କାର୍ଯ୍ୟ କରୁଥିଲେ ଏବଂ ଏହି ସମୟ ମଧ୍ୟରେ ସେମାନଙ୍କ କାର୍ଯ୍ୟଦକ୍ଷତା ବିଷୟରେ କୌଣସି ଅଭିଯୋଗ ନଥିଲା, ଏହି ତଥ୍ୟକୁ ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟାଳୟ 1 ଏପ୍ରିଲ, 1986 ରୁ ସେମାନଙ୍କ ନିୟମିତକରଣ ପାଇଁ ନିର୍ଦ୍ଦେଶ ଦେବା ଏବଂ ସେହି ଦିନଠାରୁ ଅନ୍ୟ ଚିକିତ୍ସା ଅଧିକାରୀମାନଙ୍କ ପରି ନିୟମିତ ଦରମା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବାରେ ନ୍ୟାୟସଙ୍ଗତ ଥିଲେ । ଉତ୍ତରଦାତା - ଚିକିତ୍ସା ଅଧିକାରୀମାନଙ୍କ ତରଫରୁ ଏହା ମଧ୍ୟ ଦାଖଲ କରାଯାଇଛି ଯେ 1984 ମସିହା ପରେ କୌଣସି ନିୟମିତ ଚୟନ କରାଯାଇନାହିଁ ଏବଂ ଉତ୍ତରଦାତା- ଚିକିତ୍ସା ଅଧିକାରୀମାନଙ୍କୁ ଚୟନ କମିଟି ଦ୍ୱାରା ନିୟମିତ ଚୟନ ପାଇଁ ବିଚାର କରିବାର କୌଣସି ସୁଯୋଗ ମିଳିନାହିଁ ଏବଂ ଏହି ପରିସ୍ଥିତିରେ ଉଚ୍ଚ ନ୍ୟାୟାଳୟ ନିୟମିତକରଣ ସମ୍ବନ୍ଧୀୟ ନିର୍ଦ୍ଦେଶ ଦେବାରେ କୌଣସି ଭୁଲ କରିନାହାଁନ୍ତି । ଉତ୍ତରଦାତାମାନଙ୍କ ପାଇଁ ବିଦ୍ୱାନ ଅଧିବକ୍ତା , ଡାକ୍ତର ଏ. କେ. ଜେନ୍ ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ [1987] Supp. SCC497 ମାମଲାରେ ଏହି ନ୍ୟାୟାଳୟଙ୍କର ନିଷ୍ପତ୍ତି ଉପରେ ନିର୍ଭର କରିଛନ୍ତି ।

1 ଏପ୍ରିଲ, 1986 ତାରିଖଠାରୁ ଉତ୍ତରଦାତା ଚକିତ୍ସା ଅଧିକାରୀମାନଙ୍କୁ ନିୟମିତ କରିବା ସମ୍ବନ୍ଧରେ ଉଚ୍ଚ ନ୍ୟାୟାଳୟ ଦେଇଥିବା ନିର୍ଦ୍ଦେଶକୁ ଆମେ ସମର୍ଥନ କରିବାରେ ଅସମର୍ଥ । ନିୟମିତକରଣ ପ୍ରକ୍ରିୟାରେ ନିୟମିତ ନିଯୁକ୍ତି ଅନ୍ତର୍ଭୁକ୍ତ ଯାହା କେବଳ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ କରାଯାଇପାରିବ ।ଆବେଦନକାରୀ-ନିଗମ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ନିୟମାବଳୀକୁ ଧ୍ୟାନରେ ରଖି, ଚିକିତ୍ସା ଅଧିକାରୀ ପଦବୀରେ ନିୟମିତ ନିଯୁକ୍ତି କେବଳ ସେତେବେଳେ କରାଯାଇପାରିବ ଯେତେବେଳେ ବିଧିବଦ୍ଧ ଭାବେ ଗଠିତ ଚୟନ ସମିତି ଉକ୍ତ ବ୍ୟକ୍ତିଙ୍କୁ ଏପରି ନିଯୁକ୍ତି ପାଇଁ ଉପଯୁକ୍ତ ବୋଲି ବିବେଚନା କରିବ । ଡାକ୍ତର ପି. ସମସିଭା ରାଓ, ଯଦିଓ ସେ 1976 ମସିହାରୁ କାର୍ଯ୍ୟ କରୁଥିଲେ, ତାଙ୍କୁ 1981 ମସିହାରେ ନିୟମିତ ନିଯୁକ୍ତି ପାଇଁ ଚୟନ ସମିତି ଦ୍ୱାରା ବିଚାର କରାଯାଇଥିଲା , କିନ୍ତୁ ସେ ଏପରି ନିୟମିତ ନିଯୁକ୍ତି ପାଇଁ ଉପଯୁକ୍ତ ବିବେଚିତ ହୋଇନଥିଲେ । ନିୟମିତ ନିଯୁକ୍ତି ପାଇଁ ଚୟନ ସମିତି ଦ୍ୱାରା ଡାକ୍ତର ଜେ. ସଞ୍ଜୀବ କୁମାର ଏବଂ ଡାକ୍ତର ଏସ. ପ୍ରସାଦ ରାଓଙ୍କ ମାମଲାକୁ କେବେ ବି ବିଚାରକୁ ନିଆଯାଇନଥିଲା । କାମଚଳା ଭିତ୍ତିରେ ସେମାନଙ୍କ ନିଯୁକ୍ତି ପରେ କୌଣସି ନିୟମିତ ଚୟନ କରାଯାଇନଥିବାର ଅର୍ଥ ନୁହେଁ ଯେ ସେମାନେ ଏପ୍ରିଲ୍ 1,1986 ଠାରୁ ନିୟମିତ ହେବାର ହକଦାର୍ ଅଟନ୍ତି । ଆବେଦନକାରୀ-ନିଗମ ଦ୍ୱାରା ନିର୍ଦ୍ଧାରିତ ନିୟମାବଳୀକୁ ଦୃଷ୍ଟିରେ ରଖି, ଚକିତ୍ସା ଅଧିକାରୀ ପଦବୀରେ ଉତ୍ତରଦାତା - ଚକିତ୍ସା ଅଧିକାରୀଙ୍କ ନିୟମିତକରଣ କେବଳ ଏକ ବିଧିବଦ୍ଧ ଭାବରେ ଗଠିତ ଚୟନ ସମିତି ଦ୍ୱାରା ବିଚାର କରାଯିବା

ପରେ ଏବଂ ତାହା ଏପରି ନିଯୁକ୍ତି ପାଇଁ ଉପଯୁକ୍ତ ବୋଲି ଜଣାପଡ଼ିଲା ପରେ କରାଯାଇପାରିବ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ଵାରା ଦିଆଯାଇଥିବା ନିୟମିତକରଣ ନିର୍ଦ୍ଦେଶର ଫଳସ୍ୱରୂପ, ଚିକିତ୍ସା ଅଧିକାରୀ ପଦବୀରେ ନିୟମିତ ନିଯୁକ୍ତି ଉଦ୍ଦେଶ୍ୟରେ ଏକ ଚୟନ ସମିତି ଦ୍ଵାରା ଚୟନ ସମ୍ବନ୍ଧୀୟ ନିୟମାବଳୀରେ ଥିବା ଆବଶ୍ୟକତାକୁ ହଟାଇ ଦିଆଯାଇଛି । ଆମ ମତରେ ଏହା ଗ୍ରହଣୀୟ ନଥିଲା ।

ଡାକ୍ତର ଏ. କେ. ଜେନ୍ ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ (ଉପରୋକ୍ତ) ମାମଲାରେ ଯେଉଁ ନିଷ୍ପତ୍ତି ଉପରେ ଉତ୍ତରଦାତା ଚିକିତ୍ସା ଅଧିକାରୀମାନଙ୍କ ତରଫରୁ ନିର୍ଭର କରାଯାଇଛି, ତାହା ସେମାନଙ୍କୁ କୌଣସି ସହାୟତା ପ୍ରଦାନ କରେନାହିଁ । ସେହି କ୍ଷେତ୍ରରେ ଏହା ନିର୍ଦ୍ଦେଶ ଦିଆଯାଇଥିଲା ଯେ ଅକ୍ଟୋବର 1, 1984 ତାରିଖ ପର୍ଯ୍ୟନ୍ତ କାମଚଳା ଭିତ୍ତିରେ ନିଯୁକ୍ତ ହୋଇଥିବା ସହକାରୀ ଚିକିତ୍ସା ଅଧିକାରୀ/ ସହକାରୀ ଖଣ୍ଡ ଚିକିତ୍ସା ଅଧିକାରୀମାନଙ୍କୁ ନିୟମିତ କରିବା ନିମିତ୍ତ ସଂଘ ଲୋକସେବା ଆୟୋଗଙ୍କ ପରାମର୍ଶ କ୍ରମେ ଅକ୍ଟୋବର 1, 1982 ପରବର୍ତ୍ତୀ ଏକ ଅବଧି ପାଇଁ ଦକ୍ଷତା ବିବରଣୀ ଭିତ୍ତିରେ ସେମାନଙ୍କ କାର୍ଯ୍ୟର ମୂଲ୍ୟାଙ୍କନ ଏବଂ ପରିଚାଳନା ଆଧାରରେ କରାଯିବ ।ଡାକ୍ତର ଏମ୍. ଏ. ହେକ୍ ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ [1993] 2 SCC 213, ମାମଲାରେ, ଏହି ନ୍ୟାୟାଳୟ ଲୋକ ସେବା ଆୟୋଗଙ୍କୁ ଅଣଦେଖା କରିବାର ପ୍ରଥାକୁ ନିନ୍ଦା କରିଛନ୍ତି ଯାହା ସୀମାହୀନ ଭାବରେ ବେଆଇନ ନିଯୁକ୍ତି ପାଇଁ ଏକ ପଛ ଦ୍ଵାର ଖୋଲିବ ।ଉଚ୍ଚ ନ୍ୟାୟାଳୟଙ୍କ ଦ୍ଵାରା ଦିଆଯାଇଥିବା ନିର୍ଦ୍ଦେଶ ଯେ ଉତ୍ତରଦାତା - ଚିକିତ୍ସା ଅଧିକାରୀମାନଙ୍କୁ ଏପ୍ରିଲ୍ 1,1986 ରୁ ନିୟମିତ କରାଯିବା ଉଚିତ, ତେଣୁ ଏହାକୁ ସମର୍ଥନ କରାଯାଇପାରିବ ନାହିଁ ।ନିୟମିତକରଣ ପ୍ରସଙ୍ଗରେ ଏକମାତ୍ର ନିର୍ଦ୍ଦେଶ ହେଉଛି ଯେ ଚିକିତ୍ସା ଅଧିକାରୀ ପଦବୀରେ ନିୟମିତ ନିଯୁକ୍ତି ଉଦ୍ଦେଶ୍ୟରେ ନିୟମାବଳୀ ଅନୁଯାୟୀ ବିଧିବଦ୍ଧ ଭାବେ ଗଠିତ ଚୟନ ସମିତି ଦ୍ଵାରା ଉତ୍ତରଦାତା - ଚିକିତ୍ସା ଅଧିକାରୀମାନଙ୍କୁ ବିବେଚନା କରାଯିବା ଉଚିତ ଏବଂ ଆବେଦନକାରୀ - ନିଗମ ସେହି ଉଦ୍ଦେଶ୍ୟରେ ଏକ ଚୟନ ସମିତି ଗଠନ କରିବା ଉଚିତ ।

ତେବେ, 1 ଏପ୍ରିଲ, 1986 ଠାରୁ ଉତ୍ତରଦାତା - ଚିକିତ୍ସା ଅଧିକାରୀମାନଙ୍କୁ ନିୟମିତ ବେତନ ହାରରେ ବେତନ ପ୍ରଦାନ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ଵାରା ଦିଆଯାଇଥିବା ନିର୍ଦ୍ଦେଶରେ ହସ୍ତକ୍ଷେପ କରିବାକୁ ଆମେ ଇଚ୍ଛୁକ ନୋହୁଁ ।

ତଦନୁସାରେ ଆବେଦନଗୁଡିକୁ ଏହି ପ୍ରଭାବ ପର୍ଯ୍ୟନ୍ତ ଅନୁମତି ଦିଆଯାଇଛି ଯେ ଏପ୍ରିଲ୍ 1,1986 ରୁ ଉତ୍ତରଦାତା - ଚିକିତ୍ସା ଅଧିକାରୀମାନଙ୍କ ନିୟମିତକରଣ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ବାତିଲ କରାଯାଇଛି । ଚିକିତ୍ସା ଅଧିକାରୀ ପଦବୀରେ ଉତ୍ତରଦାତା ଚିକିତ୍ସା

ଅଧିକାରୀମାନଙ୍କର ନିୟମିତକରଣ ପ୍ରସଙ୍ଗକୁ ବିଚାର କରିବା ପାଇଁ ପ୍ରାସଙ୍ଗିକ ନିୟମ ଅନୁଯାୟୀ ଏକ ଚୟନ ସମିତି ଗଠନ କରିବାକୁ ଆବେଦନକାରୀ - ନିଗମକୁ ନିର୍ଦ୍ଦେଶ ଦିଆଯାଇଛି ।ଉକ୍ତ ଚୟନ ସମିତି ନିୟମିତ ଭାବେ ଚିକିତ୍ସା ଅଧିକାରୀମାନଙ୍କ ନିଯୁକ୍ତି ପାଇଁ ନିର୍ଦ୍ଧାରିତ ମାନଦଣ୍ଡକୁ ଲାଗୁ କରି ଏପରି ନିୟମିତକରଣ ପାଇଁ ଉତ୍ତରଦାତା - ଚିକିତ୍ସା ଅଧିକାରୀମାନଙ୍କ ଦାବିକୁ ବିଚାର କରିବେ ଏବଂ ଆବେଦନକାରୀ - ନିଗମରେ କାମଚଳା ଆଧାରରେ କାର୍ଯ୍ୟ କରୁଥିବା ସମୟରେ ଉତ୍ତରଦାତା - ଚିକିତ୍ସା ଅଧିକାରୀମାନଙ୍କ କାର୍ଯ୍ୟ ଦକ୍ଷତାର ନଥିକୁ ମଧ୍ୟ ଧ୍ୟାନରେ ରଖିବେ । ଯଦି ଉତ୍ତରଦାତା- ଚକିତ୍ସା ଅଧିକାରୀମାନେ ନିୟମିତ ନିଯୁକ୍ତି ପାଇଁ ବୟସ ସୀମା ଅତିକ୍ରମ କରିଥିବା ଜଣାପଡ଼େ, ତେବେ ସେମାନଙ୍କୁ ନିୟମିତ କରିବା ପାଇଁ ବିବେଚନା କରିବାକୁ ସକ୍ଷମ କରିବା ପାଇଁ ସେହି ପ୍ରସଙ୍ଗରେ ଏକ ରିହାତି ଦିଆଯିବା ଉଚିତ । ଉତ୍ତରଦାତା - ଚକିତ୍ସା ଅଧିକାରୀମାନଙ୍କୁ ନିୟମିତ କରିବା ପାଇଁ ଚୟନ ସମିତି ଦ୍ୱାରା ଚୟନ ପ୍ରକ୍ରିୟା ତିନି ମାସ ମଧ୍ୟରେ ହାତକୁ ନିଆଯାଇ ସମ୍ପୂର୍ଣ୍ଣ କରାଯିବ ।ଖର୍ଚ୍ଚ ସମ୍ବନ୍ଧୀୟ କୌଣସି ଆଦେଶ ରହିବ ନାହିଁ ।

ଆର୍. ଏ. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ବୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।